# NATIONAL NEWS BULLETIN (ODIA)

## 31 October - 2025

## Morning Bulletin : 7.15 a.m.

******************************

## ମୁଖ୍ୟ ସମ୍ବାଦ

- ରାଷ୍ଟ୍ରୀୟ ଏକତା ଦିବସ ଅବସରରେ ଗୁଜରାଟର ଏକତାନଗରରେ ଆୟୋଜିତ ହେବାକୁ ଥିବା ଭବ୍ୟ ଉତ୍ସବର ନେତୃତ୍ୱ ନେବେ ପ୍ରଧାନମନ୍ତ୍ରୀ ।
- ଦେଶର ଏକ ହଜାର ଏକ ଶହ କୃଷକ-ଉତ୍ପାଦକ ସଂଗଠନ କୋଟିପତି ହୋଇଥିବା କହିଛନ୍ତି କେନ୍ଦ୍ର କୃଷି ଓ କୃଷକ କଲ୍ୟାଣ ମନ୍ତ୍ରୀ ।
- ଆନ୍ତର୍ଜାତିକ ଆର୍ଯ୍ୟନ ସମ୍ମିଳନୀ ୨୦୨୫ରେ ଆଜି ଯୋଗଦେବେ ପ୍ରଧାନମନ୍ତ୍ରୀ ।
- ମୁକ୍ତ ବାଣିଜ୍ୟ ଚୁକ୍ତି ଚୂଡ଼ାନ୍ତ କରିବା ଲାଗି ଆମେରିକା ଓ ଭାରତ ମଧ୍ୟରେ ଜାରି ରହିଛି ଆଲୋଚନା ।

ଏବଂ

- ଅଷ୍ଟ୍ରେଲିଆକୁ ପରାସ୍ତ କରି ଆଇ.ସି.ସି. ମହିଳା ଏକଦିବସୀୟ କ୍ରିକେଟ୍ ବିଶ୍ୱକପ୍‌ର ଫାଇନାଲ୍‌ରେ ପହଞ୍ଚିଲା ଭାରତ ।

# ପିଏମ୍-ନ୍ୟାସନାଲ୍ ୟୁନିଟୀ ଡେ

ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ୧୫୦ତମ ଜୟନ୍ତୀ ଅବସରରେ ଗୁଜରାଟର ଏକତାନଗର ସ୍ଥିତ ଷ୍ଟାଚ୍ୟୁ ଅଫ୍ ୟୁନିଟି ଠାରେ ଆୟୋଜିତ ହେବାକୁ ଥିବା ଭବ୍ୟ ଉତ୍ସବର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ନେତୃତ୍ୱ ନେବେ ।

ଏହି କାର୍ଯ୍ୟକ୍ରମରେ ପରେଡ୍, ସାଂସ୍କୃତିକ କାର୍ଯ୍ୟକ୍ରମ ଏବଂ ଭାରତର ଏକତା ଓ ବିବିଧତା ପ୍ରଦର୍ଶନ ପୂର୍ବକ ଶ୍ରଦ୍ଧାଞ୍ଜଳୀ ଅର୍ପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ଜୟନ୍ତୀ ଅବସରରେ ପ୍ରତ୍ୟେକ ବର୍ଷ ଅକ୍ଟୋବର ୩୧ ତାରିଖରେ ରାଷ୍ଟ୍ରୀୟ ଏକତା ଦିବସ ପାଳନ କରାଯାଇଥାଏ । ଏହି ଦିବସ ରାଷ୍ଟ୍ରୀୟ ଏକତା, ଅଖଣ୍ଡତା ଏବଂ ସୁରକ୍ଷାକୁ ଆହୁରି ସଶକ୍ତ କରିବା ଲାଗି କାର୍ଯ୍ୟକ୍ରମମାନ ଆୟୋଜନ କରାଯାଇଥାଏ । ଏହି ଦିବସରେ ନାଗରୀକମାନେ ନିଜର ଦେଶ ଓ ସଂସ୍କୃତି ନେଇ ଗୌରବାନ୍ୱିତ ମନେ କରିଥାନ୍ତି । ଚଳିତ ବର୍ଷ ରାଷ୍ଟ୍ରୀୟ ଏକତା ଦିବସ ପାଳନ ଅବସରରେ ଭବ୍ୟ ପରେଡ୍ ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମରେ ଦେଶର ସୁରକ୍ଷାବଳର ଦୃଢ଼ତା ଏବଂ ସାହସ ପ୍ରଦର୍ଶନ କରାଯିବ । ପରେଡ୍‌ରେ ସୀମା ସୁରକ୍ଷାବଳ, ସି.ଆର୍.ପି.ଏଫ୍., ସି.ଆଇ.ଏସ୍.ଏଫ୍., ଆଇ.ଟି.ବି.ପି., ସୀମା ସଶସ୍ତ୍ରବଳ ଏବଂ ପୁଲିସ୍‌ର କଣ୍ଟିଜେଣ୍ଟଗୁଡ଼ିକ ଭାଗ ନେବେ । ଆସାମ, ତ୍ରିପୁରା, ଓଡ଼ିଶା, ଛତିଶଗଡ଼, ମଧ୍ୟପ୍ରଦେଶ, ମହାରାଷ୍ଟ୍ର, ପଞ୍ଜାବ, ଜାମ୍ମୁ କାଶ୍ମୀର, କେରଳ ଏବଂ ଆନ୍ଧ୍ରପ୍ରଦେଶର ପୁଲିସ୍ ୟୁନିଟ୍ ଗୁଡ଼ିକ ଏଥିରେ ସାମିଲ ହେବେ । ପରେଡ୍ କାର୍ଯ୍ୟକ୍ରମରେ ଜାତୀୟ ସମରଶିକ୍ଷାର୍ଥୀ ବାହିନୀର କ୍ୟାଡେଟ୍‌ମାନେ ଅଂଶଗ୍ରହଣ

କରିବେ । ଚଳିତ ବର୍ଷ ବିବିଧତା ମଧ୍ୟରେ ଏକତା ଶୀର୍ଷକ ୧୦ଟି ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳ, ଏନ୍.ଏସ୍.ଜି. ଏବଂ ଏନ୍.ଡି.ଆର୍.ଏଫ୍.ର ପ୍ରଜ୍ଞାପନ ମେଢ଼ ମଧ୍ୟ ପ୍ରଦର୍ଶିତ ହେବ ।

ପରେଡ୍‌ରେ ସି.ଆର୍.ପି.ଏଫ୍.ର ୫ ଜଣ ସୌର୍ଯ୍ୟଚକ୍ର ବିଜେତା ଏବଂ ବି.ଏସ୍.ଏଫ୍.ର ୧୬ ଜଣ ବୀରତା ପଦକ ବିଜେତାଙ୍କୁ ସମ୍ମାନିତ କରାଯିବ । ଯେଉଁମାନେ ଝାଡ଼ଖଣ୍ଡରେ ନକ୍ସଲ ବିରୋଧୀ ଅଭିଯାନ ଏବଂ ଜାମ୍ମୁ କାଶ୍ମୀରରେ ଆତଙ୍କବାଦ ବିରୋଧୀ ଅଭିଯାନରେ ଅସାଧାରଣ ସାହସ ପ୍ରଦର୍ଶନ କରିଥିଲେ । ଅପରେସନ୍ ସିନ୍ଦୂର ସମୟରେ ବି.ଏସ୍.ଏଫ୍. ଯବାନଙ୍କ ଅସାଧାରଣ ସାହସ ପ୍ରଦର୍ଶନ ପାଇଁ ମଧ୍ୟ ସେମାନଙ୍କୁ ସମ୍ମାନିତ କରାଯିବ ।

ଏହି ଦିବସକୁ ସ୍ମରଣୀୟ କରିବା ଲାଗି ଦୁଇଟି ପର୍ଯ୍ୟାୟରେ ଏକତା ଦୌଡ଼ ଅନୁଷ୍ଠିତ ହେବ । ପ୍ରଥମ ପର୍ଯ୍ୟାୟରେ ଆଜିଠାରୁ ନଭେମ୍ବର ୨୫ ତାରିଖ ପର୍ଯ୍ୟନ୍ତ ପ୍ରତ୍ୟେକ ସଂସଦୀୟ କ୍ଷେତ୍ରର ସମସ୍ତ ଜିଲ୍ଲାରେ ଏକତା ଦୌଡ଼ ଅନୁଷ୍ଠିତ ହେବ । ଏଥିସହିତ ଜିଲ୍ଲାଗୁଡ଼ିକରେ ଜଳଉତ୍ସ ସଫେଇ ସହ ସର୍ଦ୍ଦାର ଉପବନ ଅଧୀନରେ ଚାରା ରୋପଣ, ମହିଳା କଲ୍ୟାଣ ଶିବିର, ଯୋଗ ଏବଂ ସ୍ୱାସ୍ଥ୍ୟ ଶିବିର ତଥା ଭୋକାଲ୍ ଫର୍ ଲୋକାଲ୍ ଅଭିଯାନ ଅନୁଷ୍ଠିତ ହେବ । ଏହି ଅଭିଯାନର ଦ୍ୱିତୀୟ ପର୍ଯ୍ୟାୟରେ ନଭେମ୍ବର ୨୬ରୁ ଡିସେମ୍ବର ୬ ତାରିଖ ଯାଏଁ ଗୁଜରାଟରେ ସର୍ଦ୍ଦାର ପଟେଲଙ୍କ ଜନ୍ମସ୍ଥାନ କରମସଦ ଠାରୁ କେଓ୍ୱାଡିଆ ଷ୍ଟାଚ୍ୟୁ ଅଫ୍ ୟୁନିଟୀ ପର୍ଯ୍ୟନ୍ତ ୧୫୨ କିଲୋମିଟର ଏକତା ଦୌଡ଼ରେ ଏନ୍.ଏସ୍.ଏସ୍. ଛାତ୍ରଛାତ୍ରୀ, ଏନ୍.ସି.ସି. କ୍ୟାଡେଟ୍ ଏବଂ ଯୁବ ନେତୃତ୍ୱମାନେ ଭାଗ ନେବା ସହ ସାମୂହିକ ବିକାଶ କାର୍ଯ୍ୟକ୍ରମରେ ସାମିଲ ହେବେ । ଭାରତର ବିବିଧ

ସଂସ୍କୃତି ଏବଂ ସର୍ଦ୍ଦାର ପଟେଲଙ୍କ ଜୀବନୀକୁ ପ୍ରଦର୍ଶିତ କରୁଥିବା ଏକ ପ୍ରଦର୍ଶନ ମଧ୍ୟ ଆୟୋଜନ କରାଯିବ ।

ଏହି ସମାରୋହ ପୂର୍ବରୁ ସରକାରଙ୍କ ପକ୍ଷରୁ ଆୟୋଜିତ ହେବାକୁ ଥିବା ଏକତା ଦୌଡ଼ ପ୍ରମୁଖ ସହର ଗୁଡ଼ିକ ଦେଇ ଅତିକ୍ରମ କରିବ । ଏଥିରେ କେନ୍ଦ୍ରମନ୍ତ୍ରୀଙ୍କ ନେତୃତ୍ୱରେ ନୂଆଦିଲ୍ଲୀରେ ଧ୍ୱଜାରୋହଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ' ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ୧୫୦ତମ ଜୟନ୍ତୀ ଅବସରରେ ଏକତା ଦୌଡ଼ରେ ଭାଗ ନେବା ଲାଗି ଜନସାଧାରଣଙ୍କୁ ଆହ୍ୱାନ ଦେଇଛନ୍ତି ।

# ଶିବରାଜ-ଏଫ୍‌ପିଓ ସମାଗମ

କେନ୍ଦ୍ର କୃଷି ଓ କୃଷକ କଲ୍ୟାଣ ମନ୍ତ୍ରୀ ଶିବରାଜ ସିଂହ ଚୌହାନ କହିଛନ୍ତି, ଏ ପର୍ଯ୍ୟନ୍ତ ଦେଶରେ ୧୦ ହଜାର କୃଷକ-ଉତ୍ପାଦକ ସଂଗଠନ ପ୍ରତିଷ୍ଠା ହୋଇଛି ଏବଂ କେତେକ ସଂଗଠନର କାରବାର ୧୦୦ କୋଟି ଟଙ୍କାରେ ପହଞ୍ଚିଛି । ନୂଆଦିଲ୍ଲୀରେ ଗତକାଲି ଅନୁଷ୍ଠିତ ଦୁଇ ଦିନିଆ ଚାଷୀ-ଉତ୍ପାଦକ ସଂଗଠନର ସମାଗମକୁ ସମ୍ବୋଧିତ କରି ଶ୍ରୀ ଚୌହାନ କହିଛନ୍ତି, ଦେଶର ଏକ ହଜାର ୧ ଶହ ସଂଗଠନ କୋଟିପତି ହୋଇଛନ୍ତି । ଏଥିରେ ୫୨ ଲକ୍ଷ ଚାଷୀ ଉପକୃତ ହୋଇଛନ୍ତି ଏବଂ ସରକାର ଏହି ଅଭିଯାନ ଜରିଆରେ ଆହୁରି ୨ କୋଟି ଚାଷୀଙ୍କ ନିକଟରେ ପହଞ୍ଚିବାକୁ ଲକ୍ଷ୍ୟ ରଖିଛନ୍ତି ।

**V/O-Shibaraj Singh**

ଶ୍ରୀ ଚୌହାନ କହିଛନ୍ତି, ଦେଶର ଅର୍ଥନୀତିରେ ଉଲ୍ଲେଖନୀୟ ଅବଦାନକୁ ଲକ୍ଷ୍ୟ ରଖି କୃଷି କ୍ଷେତ୍ରରେ ମହିଳାମାନଙ୍କୁ ସଶକ୍ତ କରିବା ଲାଗି ୫୦ ପ୍ରତିଶତ ଅଂଶଧନ ଯୋଗାଇ ଦିଆଯିବ ।

## ପିଏମ୍ ମୋଦୀ-ଆର୍ଯ୍ୟନ୍ ସମିଟ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ସନ୍ଧ୍ୟାରେ ନୂଆଦିଲ୍ଲୀରେ ଆନ୍ତର୍ଜାତିକ ଆର୍ଯ୍ୟନ୍ ସମ୍ମିଳନୀ ୨୦୨୫ରେ ଅଂଶଗ୍ରହଣ କରିବେ । ମହର୍ଷି ଦୟାନନ୍ଦ ସରସ୍ୱତୀଙ୍କ ୨୦୦ତମ ଜୟନ୍ତୀ ଏବଂ ଆର୍ଯ୍ୟ ସମାଜର ଦେଢ଼ ଶହ ବର୍ଷ ପୂର୍ତ୍ତି ଉପଲକ୍ଷେ ଜ୍ଞାନଜ୍ୟୋତି ପର୍ବର ଏକ ଅଂଶ ଭାବେ ଆର୍ଯ୍ୟନ୍ ସମ୍ମିଳନୀ ଅନୁଷ୍ଠିତ ହେଉଛି । ପ୍ରଧାନମନ୍ତ୍ରୀ ଏହି ସମ୍ମିଳନୀରେ ଉଦ୍‌ବୋଧନ ଦେବାର କାର୍ଯ୍ୟକ୍ରମ ରହିଛି । ଏଥିରେ ଦେଶ ମଧ୍ୟରୁ ଓ ବିଦେଶରୁ ଆର୍ଯ୍ୟ ସମାଜ ଶାଖାର ପ୍ରତିନିଧିମାନେ ଯୋଗଦେଇ ମହର୍ଷି ଦୟାନନ୍ଦ ସରସ୍ୱତୀଙ୍କ ସଂସ୍କାର ମୂଳକ ଜ୍ଞାନ ଓ ସଂଗଠନର ବିଶ୍ୱସ୍ତରୀୟ ସଫଳତା ସମ୍ପର୍କରେ ଆଲୋକପାତ କରିବେ ।

ସୂଚନା ଅନୁଯାୟୀ ଏହି ସମ୍ମିଳନୀରେ ଦେଢ଼ଶହ ସ୍ୱର୍ଣ୍ଣିମ ବର୍ଷର ସେବା ଶୀର୍ଷରେ ଏକ ପ୍ରଦର୍ଶନୀ ଅନୁଷ୍ଠିତ ହେବ । ଯେଉଁଥିରେ ଶିକ୍ଷା, ସାମାଜିକ ସଂସ୍କାର ଏବଂ ଧାର୍ମିକ ଉତ୍ଥାନରେ ଆର୍ଯ୍ୟ ସମାଜର ଯାତ୍ରା ସମ୍ପର୍କରେ ତଥ୍ୟ ଉପସ୍ଥାପନ କରାଯିବ । ଏହି ସମ୍ମିଳନୀ ମହର୍ଷି ଦୟାନନ୍ଦ ସରସ୍ୱତୀଙ୍କ ଶିକ୍ଷା, ସମାଜ ସଂସ୍କାର, ସେବା, ଦେଶ ନିର୍ମାଣ ଏବଂ ସ୍ୱଦେଶୀ ମୂଲ୍ୟବୋଧ ପ୍ରତି ଥିବା ଭାବନାକୁ ସ୍ମରଣ କରିବା ଲାଗି ଆୟୋଜିତ ହେଉଛି ।

## ଏମ୍.ଇ.ଏ. ବ୍ରିଫିଙ୍ଗ୍

ଆମେରିକା ସହ ମୁକ୍ତ ବାଣିଜ୍ୟ ଚୁକ୍ତି ଚୂଡ଼ାନ୍ତ କରିବା ଲାଗି ଉଭୟ ଆମେରିକା ଓ ଭାରତ ମଧ୍ୟରେ ଆଲୋଚନା ଜାରି ରହିଛି । ଗଣମାଧ୍ୟମକୁ ସମ୍ବୋଧିତ କରି  ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟର ମୁଖପାତ୍ର ରଣଧୀର ଜୟସ୍ୱାଲ୍ କହିଛନ୍ତି, ଉଭୟ ପକ୍ଷ ଏହି ପ୍ରସଙ୍ଗରେ ଆଲୋଚନା ଜାରି ରଖିଛନ୍ତି ।

**V/O-Randhir On Russin Oil**

ପାକିସ୍ତାନ-ଆଫଗାନିସ୍ତାନ ସମ୍ପର୍କରେ ସାମ୍ବାଦିକମାନଙ୍କର ପ୍ରଶ୍ନର ଉତ୍ତରରେ ଶ୍ରୀ ଜୟସ୍ୱାଲ୍ କହିଛନ୍ତି, ଆଫଗାନିସ୍ତାନ ତା'ର ନିଜ ସୀମା ମଧ୍ୟରେ ସାର୍ବଭୌମତ୍ୱ ବଜାୟ ରଖିବା ପ୍ରକ୍ରିୟାକୁ ପାକିସ୍ତାନ ଗ୍ରହଣ କରିପାରୁ ନାହିଁ । ସୀମାପାର ଆତଙ୍କବାଦ ସୃଷ୍ଟି କରି ପାକିସ୍ତାନ ସୃଷ୍ଟି କରୁଥିବା ସମସ୍ୟା ଆଦୌ ଗ୍ରହଣୀୟ ନୁହେଁ ବୋଲି ସେ କହିଛନ୍ତି ।

**V/O-Randhir On Terorisiam**

## ଜିଏସ୍‌ଟି-ଅଟୋମୋବାଇଲ୍

ପରବର୍ତ୍ତୀ ପିଢ଼ିର ଜି.ଏସ୍.ଟି. ସଂସ୍କାର ଲାଗୁ ହେବା ପରେ ଗତମାସ ୨୨ ତାରିଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଘୋଷଣା କରିଥିବା ଜି.ଏସ୍.ଟି. ସଞ୍ଚୟ ଉତ୍ସବ ଅନେକଗୁଡ଼ିଏ କ୍ଷେତ୍ରରେ ଦେଶବାସୀଙ୍କୁ ଲାଭାନ୍ୱିତ କରିଛି । ଅଟୋମୋବାଇଲ୍ କ୍ଷେତ୍ରରେ ନୂଆ ଜି.ଏସ୍.ଟି. ସଂରଚନା ଉଭୟ କ୍ରେତା ଏବଂ ବିକ୍ରେତାଙ୍କ କ୍ରୟ ଓ ବିକ୍ରୟ କ୍ଷମତା ବୃଦ୍ଧି କରିବାରେ ସହାୟକ ହୋଇଛି । ଦେଶର ପରିବହନ କ୍ଷେତ୍ରରେ ପ୍ରମୁଖ ଭୂମିକା ନିର୍ବାହ କରୁଥିବା ଟ୍ରକ୍ ଏବଂ

ଡେଲିଭରି ଭ୍ୟାନ୍‌ଗୁଡ଼ିକ ଉପରେ ୨୮ ପ୍ରତିଶତରୁ ଜି.ଏସ୍.ଟି.ହାର ୧୮ ପ୍ରତିଶତକୁ ହ୍ରାସ କରାଯାଇଛି । ଯାହାଫଳରେ ପରିବହନ ଖର୍ଚ୍ଚ ହ୍ରାସ ପାଇବା ସହ ରପ୍ତାନୀ କ୍ଷେତ୍ରରେ ପ୍ରତିଯୋଗିତା ବୃଦ୍ଧି ପାଇଛି ।

ଅନ୍ୟ ପକ୍ଷରେ ମୋଟର କାର ଏବଂ ବାଇକ୍ ଉପରେ ଜି.ଏସ୍.ଟି.ହାର ୧୮ ପ୍ରତିଶତକୁ ହ୍ରାସ ପାଇବା ଫଳରେ ନିମ୍ନମଧ୍ୟବିତ୍ତବର୍ଗର ଲୋକମାନଙ୍କର କ୍ରୟ କ୍ଷମତାରେ ବୃଦ୍ଧି ଘଟିଛି । ସେହିପରି ୧୮ଶହ ସି.ସି. ପର୍ଯ୍ୟନ୍ତ ଟ୍ରାକ୍ଟରଗୁଡ଼ିକ ଉପରେ ୭ ପ୍ରତିଶତ ଜି.ଏସ୍.ଟି. ହ୍ରାସ ମଧ୍ୟମବର୍ଗର କୃଷକମାନଙ୍କୁ ଚାଷ କାର୍ଯ୍ୟରେ ଟ୍ରାକ୍ଟର ବ୍ୟବହାର ଲାଗି ସମର୍ଥ କରାଇପାରିଛି । ଜି.ଏସ୍.ଟି. ହ୍ରାସ ଯୋଗୁଁ ଦେଶରେ ଅଟୋମୋବାଇଲ୍‌ର ଚାହିଦା ବୃଦ୍ଧି ପାଇବା ସହ ନିର୍ମାତାମାନେ ମଧ୍ୟ ଲାଭାନ୍ୱିତ ହୋଇଛନ୍ତି ।

## ଆଫ୍‌ଗାନ ଆଣ୍ଡ ପାକ୍ ଟେନ୍‌ସନ୍

ଆଫ୍‌ଗାନିସ୍ତାନର ସ୍ୱରାଷ୍ଟ୍ର ମନ୍ତ୍ରୀ ସିରାଜୁଦ୍ଦିନ୍ ହକାନି ପାକିସ୍ତାନକୁ ଚେତାବନୀ ଦେଇ କହିଛନ୍ତି, କାବୁଲ୍ କୌଣସି ପ୍ରକାର ଆକ୍ରମଣକୁ ସହ୍ୟ କରିବ ନାହିଁ । ଚଳିତ ସପ୍ତାହର ପ୍ରାରମ୍ଭରେ ଇସ୍ତାନବୁଲ୍‌ରେ ଦୁଇ ଦେଶ ମଧ୍ୟରେ ହୋଇଥିବା ଆଲୋଚନାରୁ କୌଣସି ନିଷ୍କର୍ଷ ନ ବାହାରିବା ପରେ ହକାନି ଏହା କହିଛନ୍ତି । ସେ କହିଛନ୍ତି, ଆଫ୍‌ଗାନିସ୍ତାନ ଲୋକଙ୍କ ଆଭ୍ୟନ୍ତରୀଣ ସମସ୍ୟା ଥାଇପାରେ କିନ୍ତୁ ସେମାନେ ବିଦେଶୀ ଆକ୍ରମଣକାରୀଙ୍କ ବିରୋଧରେ ଏକତ୍ର ଅଛନ୍ତି । ଶ୍ରୀ ହକାନି କହିଛନ୍ତି, ନିଜ ଅଞ୍ଚଳର ସୁରକ୍ଷା ସେମାନଙ୍କ ସର୍ବୋଚ୍ଚ ପ୍ରାଥମିକତା ମଧ୍ୟରୁ ଗୋଟିଏ । ଆଫ୍‌ଗାନିସ୍ତାନ କାହା ସହିତ

ମୁକାବିଲା ଚାହୁଁନାହିଁ ତେଣୁ ଆଲୋଚନା ଜରିଆରେ ଘଟଣାର ସମାଧାନ ଲାଗି ସମସ୍ତ ଦ୍ୱାର ଉନ୍ମୁକ୍ତ ରହିଥିବା ସେ କହିଛନ୍ତି ।

## ଓ୍ୱିମ୍ୟାନ୍ସ କ୍ରିକେଟ୍

ଆଇ.ସି.ସି. ମହିଳା ଏକଦିବସୀୟ କ୍ରିକେଟ୍ ବିଶ୍ୱକପ୍‌ରେ ଭାରତ ଫାଇନାଲ୍‌ରେ ପ୍ରବେଶ କରିଛି । ଗତକାଲି ନଭି ମୁମ୍ବାଇର ଡକ୍ଟର ଡି.ଓ୍ୱାଇ. ପାଟିଲ୍ ସ୍ପୋର୍ଟସ୍ ଏକାଡେମୀରେ ଅନୁଷ୍ଠିତ ସେମିଫାଇନାଲ୍ ମ୍ୟାଚ୍‌ରେ ଭାରତ ୫ ଓ୍ୱିକେଟ୍‌ରେ ଅଷ୍ଟ୍ରେଲିଆକୁ ପରାସ୍ତ କରିଛି । ୩୩୯ରନ୍‌ର ପିଛା କରି ଭାରତ ୯ଟି ବଲ୍ ବାକିଥାଇ ୫ ଓ୍ୱିକେଟ୍ ବିନିମୟରେ ବିଜୟ ଲକ୍ଷ୍ୟ ହାସଲ କରିଥିଲା । ଜେମିମା ୧୩୪ଟି ବଲ୍‌ରେ ଅପରାଜିତ ରହି ୧୨୭ରନ୍ ସ୍କୋର କରିଥିବା ବେଳେ ହରମନପ୍ରୀତ କୌର ୮୮ଟି ବଲ୍‌ରେ ୮୯ରନ୍ କରିଥିଲେ । ଭାରତ ପାଇଁ ଶ୍ରୀଚରଣୀ ଏବଂ ଦୀପ୍ତି ଶର୍ମା ୨ଟି ଲେଖାଏଁ ଓ୍ୱିକେଟ୍ ଅକ୍ତିଆର କରିଥିଲେ ।

ଟସ୍ ଜିତିବା ପରେ ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇ ଅଷ୍ଟ୍ରେଲିଆ ୪୯ ଓଭର ୫ଟି ବଲ୍‌ରେ ସମସ୍ତ ଓ୍ୱିକେଟ୍ ହରାଇ ୩୩୮ରନ୍ ସଂଗ୍ରହ କରିଥିଲା । ଭାରତର ଜେମିମାଙ୍କୁ ପ୍ଲେୟାର୍ ଅଫ୍ ଦି ମ୍ୟାଚ୍ ଘୋଷଣା କରାଯାଇଛି । ଆସନ୍ତା ରବିବାର ଦିନ ଫାଇନାଲ୍ ମ୍ୟାଚ୍‌ରେ ନଭି ମୁମ୍ବାଇ ସ୍ଥିତ ଡକ୍ଟର ଡି.ଓ୍ୱାଇ. ପାଟିଲ୍ ସ୍ପୋର୍ଟସ୍ ଏକାଡେମୀରେ ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ମୁକାବିଲା ହେବ ।

# ୟୁଥ୍ ଏସିଆନ୍ ଗେମ୍ସ

ବାହାରିନ୍‌ରେ ଚାଲିଥିବା ଯୁବ ଏସୀୟ କ୍ରୀଡ଼ାରେ ଭାରତ ବକ୍ସିଂରେ ୪ଟି ସ୍ୱର୍ଣ୍ଣ, ଦୁଇଟି ରୌପ୍ୟ ଏବଂ ଗୋଟିଏ ବ୍ରୋଞ୍ଜ ପଦକ ହାସଲ କରିଥିବା ବେଳେ ବିଚ୍ ରେସଲିଂରେ ୩ଟି ସ୍ୱର୍ଣ୍ଣ ଓ ଦୁଇଟି ରୌପ୍ୟ ପଦକ ହାସଲ କରିଛି । ଏଥିସହିତ ଭାରତ ୧୩ଟି ସ୍ୱର୍ଣ୍ଣ, ୧୮ଟି ରୌପ୍ୟ ଓ ୧୭ଟି ବ୍ରୋଞ୍ଜ ପଦକ ଅକ୍ତିଆର କରିଛି । ଭାରତର ଖୁସି ଚାନ୍ଦ ୪୬ କିଲୋଗ୍ରାମ ବର୍ଗରେ, ଆହାନା ଶର୍ମା ୫୦ କିଲୋଗ୍ରାମ ବର୍ଗରେ, ଚନ୍ଦ୍ରିକା ଭୋରେସି ପୂଜାରୀ ୫୪ କିଲୋଗ୍ରାମ ଏବଂ ଅଂଶିକା ୮୦ କିଲୋଗ୍ରାମ ବର୍ଗରେ ସ୍ୱର୍ଣ୍ଣ ପଦକ ଜିତିଛନ୍ତି । ସେହିପରି ବିଚ୍ ରେସଲିଂରେ ୬୦ କିଲୋଗ୍ରାମ ବାଳକବର୍ଗରେ ସାନି ସୁବାସ ଫୁଲମାଲି ଏବଂ ୫୫ କିଲୋଗ୍ରାମ ବାଳିକାବର୍ଗରେ ଅଞ୍ଜଳୀ ସ୍ୱର୍ଣ୍ଣ ପଦକ ହାସଲ କରିଥିବା ବେଳେ ୯୦ କିଲୋଗ୍ରାମ ବାଳକବର୍ଗରେ ଅର୍ଜୁନ ରୁହିଲ ସ୍ୱର୍ଣ୍ଣ ପଦକ ଜିତିଛନ୍ତି ।